## ସଂକ୍ଷେପରେ

### ତ୍ରିମୁଖୀ ମୁକାବିଲା ପାଇଁ ପ୍ରସ୍ତୁତି
#### ପଟ୍ଟାମୁଣ୍ଡାଇ ବ୍ଲକ୍ ୧୭ନଂ.ଜୋନ୍

**ପଟ୍ଟାମୁଣ୍ଡାଇ,୮।୨(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ୧୭ନଂ. ଜୋନ୍ ଜିଲା ପରିଷଦ ଆସନ ଏକ ଚର୍ଚ୍ଚିତ ରାଜନୈତିକ କ୍ଷେତ୍ର । ରାଜନଗର ନିର୍ବାଚନମଣ୍ଡଳୀ ଓ ପଟ୍ଟାମୁଣ୍ଡାଇ ବ୍ଲକ ରାଜନୀତିକୁ ଏହି ଜୋନ୍ ବହୁଳ ଭାବେ ପ୍ରଭାବିତ କରିଥିବା ନଜିର ରହିଛି । ଉକ୍ତ ଜୋନ୍‌ରେ ଜିଲା ପରିଷଦ ଆସନ ଦଖଲ ପାଇଁ ବିରୋଧୀ କଂଗ୍ରେସ ଓ ଭାଜପା ଲାଗି ପଡ଼ିଥିବା ବେଳେ ଶାସକ ବିଜେଡି ମଧ୍ୟ ପଛରେ ପଡିନାହିଁ । ଉକ୍ତ ଜୋନ୍ ଉପରେ ରାଜନଗର ବିଧାୟକ ଧ୍ରୁବ ସାହୁ ଗୁରୁତ୍ୱାରୋପ କରିଛନ୍ତି । ଏହି ଆସନ ପାଇଁ ବହୁ ନେତା ଆଶାୟୀ ଥିଲେ ମଧ ପ୍ରାକ୍ତନ ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ବିଶ୍ୱାଳଙ୍କୁ ବିଧାୟକ ସାହୁ ଟିକେଟ୍ ପ୍ରଦାନ କରିଛନ୍ତି । ରଞ୍ଜନ ନିଜ ସମର୍ଥକମାନଙ୍କୁ ଧରି ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଉକ୍ତ ଜୋନ୍ ଅଧୀନ ଦିହୁଡିପୁର, ବଡ଼ପଡା, ବଡ଼ମୋହନପୁର, ଚନ୍ଦନଗର, ବିଲିକଣା, ଦୋଖିଆ, ଓଉପଦା, ଖଡିଅଣ୍ଟା, କଖାରୁଣୀ ଆଦି ପଞ୍ଚାୟତରେ ସେ ଘରକୁ ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି । ତାଙ୍କ ସହିତ ବିଧାୟକ ସାହୁ ବି ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ରାଜନୀତି ଓ ବିକାଶ ଧାରାକୁ ସେ ଭୋଟରଙ୍କ ପାଖରେ ଉପସ୍ଥାପନ କରି ସମର୍ଥନ ଯୋଗାଡ଼ କରୁଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ଅଜୟ ବାଇ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଭାଜପା ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ଏହି ପଦବୀ ପାଇଁ ପ୍ରାର୍ଥୀ ହୋଇଛନ୍ତି । କଂଗ୍ରେସ ପ୍ରାର୍ଥୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୋଷଦୁର୍ବଳତାକୁ ଭୋଟରଙ୍କ ଆଗରେ ଉପସ୍ଥାପନ କରି ଭୋଟ ଭିକ୍ଷା କରୁଥିବା ବେଳେ ଭାଜପା ପ୍ରାର୍ଥୀ କେନ୍ଦ୍ରୀୟ ଯୋଜନା ସଫଳତା ପ୍ରସଙ୍ଗ ଉଠାଇଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରି ଭୋଟର ସମର୍ଥନ ଭିକ୍ଷା କରୁଛନ୍ତି । ଏହି ଜୋନ୍ ବିଜେଡିର ଗଡ଼ ହୋଇଥିଲେ ମଧ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧରେ ମୁକାବିଲା ହେବା ସ୍ପଷ୍ଟ ହୋଇଛି ।

### ସ୍ୱର ସମ୍ରାଜ୍ଞୀ ଲତା, ଖବରଦାତା ରୋହିତଙ୍କୁ ଶ୍ରଦ୍ଧାଞ୍ଜଳି

**ରାଜନଗର,୮।୨(ଡି.ଏନ.ଏ.):** ଭାରତୀୟ ସଙ୍ଗୀତ ଦୁନିଆର ସ୍ୱର ସମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକର ଓ ଖବରଦାତା ରୋହିତ ବିଶ୍ୱାଳଙ୍କ ବିୟୋଗରେ ରାଜନଗର ପ୍ରେସ୍ କ୍ଲବ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦୀର୍ଘ ୮୦ ବର୍ଷ ଧରି ନିଜର ସୁଲଳିତ କଣ୍ଠରେ ଦେଶାତ୍ମବୋଧ ସଙ୍ଗୀତଠାରୁ ଆରମ୍ଭ କରି ହିନ୍ଦୀ ସମେତ ଅନ୍ୟ ଆଞ୍ଚଳିକ ଭାଷାରେ ଗୀତ ଗାନ କରିଥିଲେ। ସେହିପରି କଳାହାଣ୍ଡି ମ.ରାମପୁର ବ୍ଲକ ମୋହନଗିରିର ଯୁବ ଖବରଦାତା ରୋହିତ ବିଶ୍ୱାଳ ଖବର ସଂଗ୍ରହ ସମୟରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି। ତାଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରେସ୍ କ୍ଲବ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପ୍ରେସ୍‌କ୍ଲବ ସଭାପତି ଭାସ୍କର ରାଉତରାୟ, ଖବରଦାତା ସୂର୍ଯ୍ୟ ନାରାୟଣ ଲେଙ୍କା, ମୋହନ କୁମାର ବିଶ୍ୱାଳ, ବିଜୟ କୁମାର ଗୁପ୍ତା, ତାପସ ପରିଡା, ରଞ୍ଜନ କୁମାର ପ୍ରଧାନ, ଭରତ କୁମାର ସାହୁ, ଜଗବନ୍ଧୁ ଖଟୁଆ, ସାମାଜିକ କର୍ମୀ ରତିକାନ୍ତ ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଅପରାଧ ପୃଷ୍ଠଭୂମିରେ ୧୪ ଜୋନ୍ ସଭ୍ୟ ପ୍ରାର୍ଥୀ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**

- ୧୬ ଜଣଙ୍କର ସ୍ନାତକରୁ ଅଧିକ ଯୋଗ୍ୟତା
- ମାଟ୍ରିକ ପାସ୍ କରିନାହାନ୍ତି ୧୭ ପ୍ରାର୍ଥୀ



କେନ୍ଦ୍ରାପଡ଼ା ଅଫିସ, ୮।୨

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବ ଅପେକ୍ଷା ଭିନ୍ନ ହୋଇଛି। ରାଜ୍ୟର ପ୍ରମୁଖ ଦଳଗୁଡ଼ିକ ଶିକ୍ଷାଗତ ଓ ସାଙ୍ଗଠନିକ ଯୋଗ୍ୟତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲାର ୩୨ ଜୋନ ପାଇଁ ୧୨୯ ପ୍ରାର୍ଥୀଙ୍କ ମଧ୍ୟରୁ ମାଟ୍ରିକରୁ ଉର୍ଦ୍ଧ୍ୱ ପାଠ ପଢ଼ିଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୧୩। ସେହିପରି ସ୍ନାତକରୁ ଉର୍ଦ୍ଧ୍ୱ ପାଠ ପଢ଼ିଥିବା ୧୬ ପ୍ରାର୍ଥୀ ହୋଇଛନ୍ତି। କୋଟିପତିଙ୍କ ସଂଖ୍ୟା ୩ ହୋଇଥିବା ବେଳେ ଆପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ୧୪ ରହିଥିବା ସତ୍ୟପାଠରୁ ସୂଚନା ମିଳିଛି।

୮ ନଂ. ଜୋନ ସ୍ୱାଧୀନ ପ୍ରାର୍ଥୀ ସାଗରିକା ଦାସଙ୍କ ଦୁଇ ଝିଅ ଓ ସ୍ୱାମୀ ଅଛନ୍ତି। ତେବେ ପାଖରେ କୌଣସି ନଗଦ ଟଙ୍କା ନ ଥିବା ଦର୍ଶାଇଛନ୍ତି। ୪ ନଂ. ଜୋନର ଭାଜପା ପ୍ରାର୍ଥୀ ବରାହ ଚରଣ ପଣ୍ଡାଙ୍କ ନାମରେ ୪ ମାମଲା ଅଛି। ସେହିପରି ୮ ନଂ. ଜୋନର ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ବେହେରାଙ୍କର ୧ଟି, ୧୦ ନଂ. ଜୋନର ବିଜେଡି ପ୍ରାର୍ଥୀ ସତ୍ୟାନନ୍ଦ ରାଉତଙ୍କର ୧ଟି, ୧୫ ନଂ. ଜୋନ ବିଜେଡି ପ୍ରାର୍ଥୀ ପ୍ରିୟଦର୍ଶିନୀ ତରାଇଙ୍କର ୧ଟି, ୧୭ ନଂ. ଜୋନର କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ବାଇଙ୍କର ୧ଟି, ଭାଜପା ପ୍ରାର୍ଥୀ ଜ୍ୟୋତିପ୍ରକାଶ ପ୍ରଧାନଙ୍କର ୪ଟି, ୨୦ ନଂ. ଜୋନର ବିଜେଡି ପ୍ରାର୍ଥୀ ସୁବୋଧ କୁମାର ଲେଙ୍କାଙ୍କର ୨ଟି, ୨୪ ନଂ. ଜୋନର ଭାଜପା ପ୍ରାର୍ଥୀ ପ୍ରଜେଶ କୁମାର ନାୟକଙ୍କର ୨ଟି, ୨୫ ନଂ. ଜୋନର ବିଜେଡି ପ୍ରାର୍ଥୀ ଦୁର୍ଗାବତୀ ପ୍ରଧାନଙ୍କର ୨ଟି, ୨୬ ନଂ. ଜୋନର ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ଚୌଧୁରୀଙ୍କର ୫ଟି, ବିଜେଡି ପ୍ରାର୍ଥୀ ପ୍ରତାପ କୁମାର ମଲ୍ଲିକଙ୍କର ୧ଟି, ୨୮ ନଂ. ଜୋନର ବିଜେଡି ପ୍ରାର୍ଥୀ ପ୍ରତାପ କୁମାର ବେହେରାଙ୍କର ୫ଟି, ସ୍ୱାଧୀନ ପ୍ରାର୍ଥୀ ସରୋଜକାନ୍ତ ରାଉତଙ୍କର ୧ଟି ଓ କଂଗ୍ରେସ ପ୍ରାର୍ଥୀ କ୍ଷୀରୋଦ କୁମାର ବେହୁରିଆଙ୍କର ଖରସ୍ରୋତା ପାଣି ବିବାଦର ୨ଟି ମାମଲା ଅଛି। ୫ ନଂ. ଜୋନର ପ୍ରାର୍ଥୀ ଲିଳିତା ଦାସ, ୮ ନଂ. ଜୋନର ରଶ୍ମିରଞ୍ଜନ ରାଉତ, ୧୦ ନଂ. ଜୋନର ନାରାୟଣ ସ୍ୱାଇଁ, ସନ୍ତୋଷ କୁମାର ଜେନା, ସୁବାସ ଚନ୍ଦ୍ର ସାମଲ ଏଲଏଲବି ପାଠ୍ୟକ୍ରମ ସାରିଛନ୍ତି। ଏହାବ୍ୟତୀତ ୧୨ ନଂ. ଜୋନର ପ୍ରାର୍ଥୀ ଧନେଶ୍ୱର ସେଠୀ, ୧୩ ନଂ. ଜୋନର ଗୀତାଞ୍ଜଳି ସେଠୀ, ୧୭ ନଂ. ଜୋନର ଜ୍ୟୋତିପ୍ରକାଶ ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ୨୦ ନଂ. ଜୋନର ଅଧୀରନାଥ ଶର୍ମା, ସୌଭାଗ୍ୟ କୁମାର ପଣ୍ଡା ୨୪ ନଂ. ଜୋନର ମାଧବ ଚରଣ ନାୟକ, ୨୫ ନଂ. ଜୋନର ରାଜଲକ୍ଷ୍ମୀ ଦାସ, ୨୯ ନଂ. ଜୋନର ମଧୁସ୍ମିତା ଜେନା, ପ୍ରମିଳା ସାହୁ ପ୍ରମୁଖ ସ୍ନାତକ ଉପର ପାଠ୍ୟକ୍ରମ ସାରି ପ୍ରାର୍ଥୀ ହୋଇଛନ୍ତି। ୧୪ ନଂ. ଜୋନର ପୁଷ୍ପାଞ୍ଜଳି ମଲ୍ଲିକ (୨୪) ଏବେ ସ୍ନାତକୋତର ପାଠ ପଢୁଥିବା ସତ୍ୟପାଠରେ ଅଛି। ଅପରପକ୍ଷରେ ଚଳିତ ନିର୍ବାଚନର ପ୍ରାର୍ଥୀଙ୍କ ମଧ୍ୟରୁ ୩୨ ନଂ. ଜୋନର ପ୍ରାର୍ଥୀ ରତି ଦଳାଇ ସବୁଠାରୁ କମ ପାଠ ପଢ଼ିଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଚତୁର୍ଥ। ଏହାବ୍ୟତୀତ ଏହି ଜୋନର ପ୍ରାର୍ଥୀ ଝୁନୁମିନା କୁଅଁର (ସପ୍ତମ), ୨୯ ନଂ. ଜୋନର ଅନିତା ସାହୁ (ନବମ), ୨୪ ନଂ. ଜୋନର ଅଶୋକ କୁମାର ପ୍ରଧାନ (ନବମ), ୨୨ ନଂ. ଜୋନର ଅପୁ ପରିଡା (ନବମ), ବ୍ରଜମୋହନ ମଣ୍ଡଳ (ନବମ), ୨୦ ନଂ. ଜୋନର କଳ୍ପତରୁ ପ୍ରଧାନ (ସପ୍ତମ), ୧୯ ନଂ. ଜୋନର ମାନସୀପ୍ରଭା ଦାସ (ନବମ), ୧୭ ନଂ. ଜୋନର ସରୋଜ କୁମାର ନାଥ (ନବମ), ଭୀମସେନ ବେହେରା (ନବମ), ୧୬ ନଂ. ଜୋନର ସଂଗ୍ରାମ କେଶରୀ ସେଠୀ (ନବମ), ୧୪ ନଂ. ଜୋନର ନିମାଇଁ ଚରଣ ଜେନା (ଅଷ୍ଟମ), ୧୧ ନଂ. ଜୋନର ଅନ୍ନପୂର୍ଣ୍ଣା ପୃଷ୍ଟି, ୮ ନଂ. ଜୋନର ମନୋଜ କୁମାର ପ୍ରଧାନ (ନବମ), ୫ ନଂ. ଜୋନର ଅନ୍ନପୂର୍ଣ୍ଣା ମଲ୍ଲିକ (ନବମ), ୪ ନଂ. ଜୋନର ବାବାଜି ମଲ୍ଲିକ (ଅଷ୍ଟମ) ଓ ୧ ନଂ. ଜୋନର ସୌଦାମିନୀ କୁଅଁର (ନବମ) ଏମାନେ ମାଟ୍ରିକ ପାସ କରିନାହାନ୍ତି।

### ଘଡ଼ିଆମାଳ ପଞ୍ଚାୟତ କଂଗ୍ରେସ ସଭାପତିଙ୍କ ଇସ୍ତଫା

ରାଜନଗର, ୮।୨(ଡି.ଏନ.ଏ.)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନିର୍ବାଚନ ମାହୋଲ ବଢିବାରେ ଲାଗିଛି। ଏହି ପଞ୍ଚାୟତରେ ବିଭିନ୍ନ ଦୁର୍ନୀତିକୁ ନେଇ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ଅଡୁଆରେ ପଡିଛନ୍ତି। ଏହି ସମୟରେ ଦଳରେ ମଧ ବିବାଦ ବଢିବାରେ ଲାଗିଛି। ପଞ୍ଚାୟତ କଂଗ୍ରେସ ସଭାପତି ନୀଳମଣି ପ୍ରଧାନ ମଙ୍ଗଳବାର ପଦରୁ ଇସ୍ତଫା ଦେଇଛନ୍ତି। ଦେହ ଅସୁସ୍ଥତା ଯୋଗୁ ସଭାପତି ପଦ ପରିଚାଳନାରେ ସେ ସକ୍ଷମ ନୁହନ୍ତି। ସେଥିପାଇଁ ସଭାପତି ପଦରୁ ଇସ୍ତଫା ଦେଉଥିବା ନେଇ ବ୍ଲକ କଂଗ୍ରେସ କମିଟି ସଭାପତିଙ୍କୁ ଦେଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପଞ୍ଚାୟତ କଂଗ୍ରେସ ଦଖଲରେ ଥିଲା। ଏହି ପଞ୍ଚାୟତକୁ ଦଖଲ କରିବାକୁ ବିଜେଡି ରଣକୌଶଳ ଆପଣାଇଛି। ଫଳରେ କଂଗ୍ରେସରୁ ବହୁ କର୍ମୀଙ୍କ ଇସ୍ତଫା ଦଳ ପାଇଁ ଅଡୁଆ ସୃଷ୍ଟି କରିଛି। ପୂର୍ବରୁ ଏହି ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଶୈଳେନ୍ଦ୍ର ମିଶ୍ର ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଥିଲେ। ଶୈଳେନ୍ଦ୍ର ବିଜେଡି ସମର୍ଥନରେ ଏହିପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀ ହୋଇଥିବା ବେଳେ ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ ବିଜୟ କୁମାର ମଲ୍ଲିକ କଂଗ୍ରେସ ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି।

## ସୋସିଆଲ ମିଡିଆରେ ନିର୍ବାଚନ ପ୍ରଚାର, ଶିକ୍ଷକ ନିଲମ୍ବିତ

ରାଜନଗର, ୮।୨ (ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ସୋସିଆଲ ମିଡିଆରେ ନିର୍ବାଚନ ପ୍ରଚାର କରୁଥିବା ରାଜନଗର ବ୍ଲକର କୃଷ୍ଣନଗର ପଞ୍ଚାୟତ ଅନ୍ତର୍ଗତ ଶୈଳେନ୍ଦ୍ରନଗର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ଏକ ନିର୍ଦ୍ଦିଷ୍ଟ ଦଳ ସମର୍ଥନରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କର ନିର୍ବାଚନୀ ଚିହ୍ନକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଇଓ ଚିଠି ନଂ. ୪୩୮/୮।୨।୨୨ରେ ତାଙ୍କୁ ନିଲମ୍ବନ କରିଛନ୍ତି। ଶିକ୍ଷକଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ପରେ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା ସରକାରୀ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଶିକ୍ଷକ ସେଠୀ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପାଇଁ ଖୋଲାଖୋଲି ନିର୍ବାଚନ ପ୍ରଚାର କରିବା ସହିତ ରାଜନୈତିକ ମନ୍ତ୍ରଣା କରୁଛନ୍ତି। ଏହାବାଦ୍ ସୋସିଆଲ ମିଡିଆ (ଫେସବୁକ୍)ରେ ଶିକ୍ଷକ ସେଠୀ ମହିଁଷାସୁର ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଶ୍ରୀଧର ପ୍ରସାଦ ପ୍ରଧାନଙ୍କ ନିର୍ବାଚନୀ ଚିହ୍ନ ଛତା ଓ ସମିତିସଭ୍ୟ ପ୍ରାର୍ଥିନୀ ଜ୍ୟୋତ୍ସ୍ନାମୟୀ ରାଉତଙ୍କ ନିର୍ବାଚନୀ ଚିହ୍ନ କେଟିଲି ପାଇଁ ପୋଷ୍ଟ କରିଥିଲେ। ସେ ସୋସିଆଲ ମିଡିଆରେ ସରପଞ୍ଚ ପ୍ରାର୍ଥୀଙ୍କ ଛତା ଚିହ୍ନ ସହ ଏ ବର୍ଷର ନୂଆ ନାଟକ ସବୁ ଋତୁ ପାଇଁ ଛତାଟିଏ ଓ ସମିତିସଭ୍ୟା ପ୍ରାର୍ଥିନୀଙ୍କ କେଟିଲି ଚିହ୍ନ ସହ ନୂଆ କାହାଣୀ ପରିବର୍ତ୍ତନର ଆଭାସ ଦିଏ କେଟିଲି ଉଲ୍ଲେଖ କରିଥିଲେ। ଶିକ୍ଷକ ସେଠୀ ସରକାରୀ କର୍ମଚାରୀ ହୋଇ ସୋସିଆଲ ମିଡିଆରେ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ପୋଷ୍ଟ କରିବା ସହ ତାଙ୍କ ପାଇଁ ପ୍ରଚାର କରୁଥିବାରୁ ନିରପେକ୍ଷ ମତଦାନ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଶିକ୍ଷକ ଭାଜପା ପାଇଁ କାମ କରନ୍ତି ବୋଲି ରାଜନଗର ସୁରକ୍ଷା ମଞ୍ଚ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।



ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଦୁଇଟି ନିର୍ବାଚନ ଚିହ୍ନ ଥିବା ଫଟୋ।

## ନିର୍ବାଚନ ପ୍ରଚାରରେ ପିଲା ସାମିଲ


ନିର୍ବାଚନ ପ୍ରଚାର ସମୟରେ ଗାଁ ଦାଣ୍ଡରେ ପିଲାମାନଙ୍କୁ ସାମିଲ କରାଯାଇଛି।

ରାଜନଗର, ୮।୨ (ଡି.ଏନ.ଏ.)

ନିର୍ବାଚନ ପ୍ରଚାର ପାଇଁ କଟକଣା କୋହଳ ହେବା ପରେ ଗାଁ ଦାଣ୍ଡ ଏବେ ବାଜା ବାଣରେ ଦୁଲୁକୁଛି। ଏବେ ମାଳକୁ ମାଳ ପ୍ରଚାର ଗାଡି ସହ ରାସ୍ତା ସାରା ଓ ଗାଁ ଦାଣ୍ଡ ବ୍ୟାନର, ପୋଷ୍ଟରରେ ଛାଇ ହୋଇଯାଇଛି। ପ୍ରାର୍ଥୀଙ୍କ ପ୍ରଚାରର ଶୈଳୀ ମଧ ବଦଳିଛି। କିଏ ଶଙ୍ଖ ଫୁଙ୍କି ନିର୍ବାଚନ ପ୍ରଚାର କରୁଛିତ ଆଉ କିଏ ବାଜା ବଜାଇ, ବାଣ ଫୁଟାଇ ନିର୍ବାଚନ ପ୍ରଚାର କରୁଛନ୍ତି। ହେଲେ ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ସାମିଲ କରାଯାଉଛି। ଫଳରେ ସେମାନଙ୍କ ଭବିଷ୍ୟତ ନଷ୍ଟ ହେବାର ବହୁ ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। କଟକଣା କୋହଳ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ନିର୍ବାଚନ ପ୍ରଚାରକୁ ଓହ୍ଲାଇଛନ୍ତି। ପ୍ରାର୍ଥୀଙ୍କ ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ମଙ୍ଗଳବାର ବିଧାୟକ ସାହୁ ୩୧ ନଂ. ଜୋନର ଜିଲାପରିଷଦ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ, ହାତିନା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସର୍ବେଶ୍ୱର ସାମଲ, ସମିତିସଭ୍ୟା ପ୍ରାର୍ଥିନୀ ପୁଷ୍ପଲତା ସେଠୀଙ୍କ ସହିତ କଇଥା, ପରିପାଙ୍ଗରା, ଜୁଣୁପାଙ୍ଗରା, ହାତିନା ଗାଁର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ନବୀନ ସରକାର ଗରିବ ଲୋକଙ୍କ ପାଇଁ ସବୁ ସହାୟତା ଯୋଗାଇ ଦେଉଛନ୍ତି। ରାଜନଗରର ବିକାଶକୁ ଗତିଶୀଳ କରିବାକୁ ଶଙ୍ଖ ଚିହ୍ନ ଓ ବିଜେଡି ସମର୍ଥିତ ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବିଧାୟକ ନିବେଦନ କରିଥିଲେ। ବିଧାୟକଙ୍କ ସହିତ ହାତିନା ପଞ୍ଚାୟତର ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ସମିତିସଭ୍ୟ ପ୍ରଦୀପ କୁମାର ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ଘନଶ୍ୟାମ ବଳ, ଜୟରାମ ଦାସ, କୈଳାସ ବାରିକ, ପ୍ଲାବିନ ରାଉତ ପ୍ରମୁଖ ଏହି ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ।

### ପ୍ରଚାରରେ ମମିତା ମେହେର ତାତି

ସୋର, ୮।୨(ଡି.ଏନ.ଏ.)

ରାଜ୍ୟରେ ବହୁଚର୍ଚ୍ଚିତ ମମିତା ମେହେରଙ୍କ ହତ୍ୟାକାଣ୍ଡକୁ ୪ ମାସ ପୂରିଥିଲେ ବି ଏହି ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରି ଭାଜପା ପଞ୍ଚାୟତ ନିର୍ବାଚନରେ ଭୋଟରଙ୍କ ସମର୍ଥନ ହାସଲ କରିବାକୁ ପ୍ରୟାସ କରୁଛି। ସୋର ବ୍ଲକ ୪୫ ନଂ. ଜୋନ୍ ଅଧୀନ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗାଁରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରାଙ୍କ ତତ୍ତ୍ୱାବଧାନ ଓ ଜିଲାପରିଷଦ ଜୋନ ଭାଜପା ପ୍ରାର୍ଥିନୀ ନିରୋଦପ୍ରଭା ପଣ୍ଡାଙ୍କ ନେତୃତ୍ୱରେ ବିକ୍ଷୋଭ, ଶୋଭାଯାତ୍ରା ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ପ୍ରଭାକର ନାୟକ, ରାକେଶ ମଲ୍ଲିକ, ବାପି ପଣ୍ଡା ମମିତା ମଲ୍ଲିକ, ରଜନୀ ଜେନାଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ବିକ୍ଷୋଦ୍‌ଗାର କରିଥିଲେ।

### ଠାକୁର ନିଗମାନନ୍ଦ ଦେବ ସେବକଙ୍କ ପରଲୋକ

ରାଜନଗର, ୮।୨ (ଡି.ଏନ.ଏ.)

ରାଜନଗର ବ୍ଲକ ଡେରାସ୍ଥିତ ଠାକୁର ନିଗମାନନ୍ଦ ଦେବଙ୍କ ସେବକ ତଥା ଡେରା ଶାଖା ସଂଘର ସଭାପତି କଳାକାର ବେହେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଠାକୁର ନିଗମାନନ୍ଦ ଦେବଙ୍କ ସେବାରେ ନିଜକୁ ସମର୍ପିତ କରିବା ସହ ଡେରାରେ ଆଶ୍ରମ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବିଜୟ କୁମାର ଜେନା, କଳାକାର ପ୍ରଧାନ, ବିବେକାନନ୍ଦ ନାୟକ, ଦୁର୍ଗା ଚରଣ ପାଣି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ଇନ୍ଦ୍ରମଣି ସାମଲଙ୍କ ସମେତ ବହୁ ସ୍ଥାନୀୟ ବ୍ୟକ୍ତି ବେହେରାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ, ସମସ୍ୟା ପ୍ରାର୍ଥୀଙ୍କ ଚିନ୍ତା ବଢ଼ାଉଛି

**ରେଢୁଆ ପଞ୍ଚାୟତ**

ରଘୁନାଥପୁର,୮।୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତରେ ନିର୍ବାଚନୀ ଉଷ୍ମତା ଜମୁଛି। ଆଦର୍ଶ ଗୁହାଳ, ଗ୍ରାମ୍ୟ ରାସ୍ତା, ଭତ୍ତା ଭଳି ଅନେକ ଛୋଟମୋଟ ସମସ୍ୟା ଓ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ପ୍ରାର୍ଥୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଘରକୁ ଘର ବୁଲି ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଥିବାବେଳେ ଭୋଟରଙ୍କ ପ୍ରଶ୍ନବାଣର ଶିକାର ହେଉଥିବା ଦେଖାଯାଇଛି। ଜନପ୍ରତିନିଧିମାନଙ୍କ ନିଜ ସମ୍ପର୍କୀୟଙ୍କ ନାମରେ ଆଦର୍ଶ ଗୁହାଳ ଓ ଭତ୍ତା ପ୍ରଦାନ କରାଯାଇଛି। ପ୍ରକୃତ ଯୋଗ୍ୟ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥିବା କାଞ୍ଚନବାଳା ସେଠୀ ଓ ରେଣୁବାଳା ସେଠୀ କହିଛନ୍ତି। ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳଙ୍କ ଏହା ନିଜସ୍ୱ ପଞ୍ଚାୟତ। ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ମଲ୍ଲିକଙ୍କ ବୋହୂ ଇତିଶ୍ରୀ ବିଜେଡିରୁ ଜୋନ ୨ ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ଦଳୀୟ ସମର୍ଥନରେ କିଶୋର ଚନ୍ଦ୍ର ବେହେରା ସରପଞ୍ଚ ପ୍ରାର୍ଥୀ ଭାବେ ଭୋଟରଙ୍କ ନିକଟତର ହୋଇ ପ୍ରଚାର ଦୌଡ଼ରେ ରହିଛନ୍ତି। ସେହି ଦଳର ନୃସିଂହ ଜେନା ଓ ଦୀପ୍ତିରଞ୍ଜନ ନାୟକ ସ୍ୱାଧୀନ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ବର୍ତ୍ତମାନର ସରପଞ୍ଚ ଜ୍ୟୋତିର୍ମୟୀ ଜେନାଙ୍କ ସ୍ୱାମୀ ସୁନୀଲ କୁମାର ଜେନା କଂଗ୍ରେସ ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ଭାବେ ଠିଆ ହୋଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ବିରୋଧୀଙ୍କ ପାଇଁ ସୁହାଉଛି ବୋଲି ସୁଦାମ ଚରଣ ସେଠୀ ପ୍ରକାଶ କରିଛନ୍ତି। ସମିତି ସଭ୍ୟ ଭାବେ ବିଜେଡି ସମର୍ଥନରେ ପ୍ରଦୀପ୍ତ ମହାନ୍ତି ପ୍ରଚାରରେ ବ୍ୟସ୍ତ ଥିବାବେଳେ ଦଳର ବିଶ୍ୱଜିତ ଦାଶ ମଧ ସମିତିସଭ୍ୟ ପ୍ରାର୍ଥୀ ଭାବେ ଭାଗ୍ୟ ପରୀକ୍ଷା କରୁଛନ୍ତି। କିନ୍ତୁ ଭାଜପା ସମର୍ଥନରେ ରାକେଶ ମହାପାତ୍ର ସମିତିସଭ୍ୟ ପ୍ରାର୍ଥୀ ଭାବେ ମୌକାରୁ ବାଜି ମାରିବା ପାଇଁ ଅଗ୍ରସର ହେଉଛନ୍ତି। ଏଥର ଦୁଃଖସୁଖରେ ଠିଆ ହେଉଥିବା ବ୍ୟକ୍ତିଙ୍କୁ ନିର୍ବାଚିତ କରାଯିବା ସପକ୍ଷରେ ଭୋଟର ରହିଥିବା ପହଲି ସେଠୀ କହିଛନ୍ତି।

## ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ: ୨ ଗିରଫ

ପାରାଦୀପ,୮।୨(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବାଲିଝରା ସନ୍ତୋଷୀପଡାଠାରେ ଗତ ୬ ତାରିଖରେ ଏକ ଦମ୍ପତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ମାମଲା (ନଂ.୩୮/୨୨) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଉକ୍ତ ପଡ଼ାଗ୍ରାମର ପଞ୍ଚାନନ ମଣ୍ଡଳ ଓ ବିଶ୍ୱଜିତ୍ ସ୍ୱାଇଁ। ଗତ ରବିବାର ଅଭିଯୁକ୍ତଦ୍ୱୟ ହୀରାମଣି ବେହେରା ଓ ତାଙ୍କ ସ୍ୱାମୀ ରମାକାନ୍ତ ବେହେରାଙ୍କ ଘରେ ପଶି ଅଶ୍ଳୀଳ ଆଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା।

## ୪ ନଂ. ଜୋନ୍‌ର ବଡାମ୍ବିଳା ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

ଆଳି,୮।୨(ଡି.ଏନ.ଏ.)

ଆଉ ମାତ୍ର ସପ୍ତାହେ ପରେ ଅନୁଷ୍ଠିତ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଭୋଟରମାନେ ନିଜର ମୂଲ୍ୟବାନ ଭୋଟ ଦେଇ ପ୍ରାର୍ଥୀଙ୍କୁ ଚୟନ କରିବେ। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ପ୍ରାର୍ଥୀମାନଙ୍କ ପ୍ରଚାରରେ ପଞ୍ଚାୟତ କମ୍ପୁଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ସପକ୍ଷରେ ଜନମତ ସଂଗ୍ରହ କରିବାରେ ଲାଗିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ବଡାମ୍ବିଳା ପଞ୍ଚାୟତରେ ମଙ୍ଗଳବାର ୪ନଂ. ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଜୟରାମ ସାହୁ ନିଜର ପ୍ରଚାର କରିଛନ୍ତି। ଜିଲା ପରିଷଦ ପ୍ରାର୍ଥୀ ସାହୁ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମହେଶ୍ୱତା ପ୍ରଧାନ ଓ ସମିତିସଭ୍ୟ ପ୍ରାର୍ଥୀ ଭରତ ଚରଣ ସେଠୀଙ୍କୁ ସାଙ୍ଗରେ ନେଇ ମହାଦେବଛକଠାରୁ ପ୍ରଚାର ଆରମ୍ଭ କରିଥିଲେ। ପଞ୍ଚାୟତର ମୃଗନୟନୀ, ନୂଆଗାଁ, ବାଲିଅଡା,ଦଶିପୁର, କଳଦିଆ, ସାହୁପଡ଼ା, କୃଷ୍ଣପୁରପାଟଣା, ବଡାମ୍ବିଳା, ବେତା, ଗମ୍ଭାରିଆ ଗାଁ ପରିକ୍ରମା ସହ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ପ୍ରଚାରରେ ବଡାମ୍ବିଳା ପଞ୍ଚାୟତର ବିଜେଡି ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ, ସୁନାକର ବେହେରା, ବ୍ରହ୍ମାନନ୍ଦ ମହାନ୍ତି, ମହେଶ୍ୱର ସାହୁ, ନିରାକାର ତରାଇ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।


ପ୍ରାର୍ଥୀମାନେ ବଡାମ୍ବିଳା ପଞ୍ଚାୟତରେ ପ୍ରଚାର କରୁଛନ୍ତି।

# ଭାଜପାର ଉତ୍ଥାନରେ ବିରୋଧୀ ଚିନ୍ତିତ

**ବାଲିକୁଦା ଜିଲା ପରିଷଦ ୩ନଂ. ଜୋନ୍**

- ଗତ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଏବେ ଭାଜପା ନେତା
- ବିଜେଡି ଜିଲା ସଭାପତି ତଥା ବିଧାୟକଙ୍କ ପଞ୍ଚାୟତକୁ ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର ଅଫିସ, ୮।୨

ଜଗତ୍‌ସିଂହପୁର ଜିଲାର କେତୋଟି ପ୍ରମୁଖ ଜିଲା ପରିଷଦ ଜୋନ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳର ୩ନଂ. ଜୋନଟି ଅନ୍ୟତମ। କାରଣ ଏହି ଜୋନ ଅନ୍ତର୍ଗତ ତିରିରା ପଞ୍ଚାୟତରେ ବିଜେଡି ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଘର। ଅନ୍ୟପକ୍ଷେ ଗତ ନିର୍ବାଚନର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ଏବେ ଭାଜପା ନେତା। ଭାଜପାର ଉତ୍ଥାନକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ନେତୃତ୍ୱ ଚିନ୍ତାରେ ପଡିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଆଗକୁ ଦେଖିବାର ଅଛି ସମୀକରଣ ବଦଳୁଛି କି ପୂର୍ବପରି ରହୁଛି।

ବାଲିକୁଦା ୩ନଂ. ଜୋନ ଗତଥର ଅସଂରକ୍ଷିତ ଥିଲା। କିନ୍ତୁ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଏହି ଜୋନରେ ଆମ୍ବଶାଳ, ବଡ଼ଗାଁ, ବୋରିକିନା, ମାଛଗାଁ, ରାହାଣ, ତିରିରା ଓ ତରାସାହି ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନର ଭୋଟର ସଂଖ୍ୟା ୩୪,୩୩୯ ଥିଲା। କିନ୍ତୁ ଏଥର ଅଧିକ ୧,୨୯୩ ଜଣ ଯୋଡି ହୋଇଛନ୍ତି; ଯାହାଦ୍ୱାରା ମୋଟ ଭୋଟର ସଂଖ୍ୟା ୩୫,୬୩୨ରେ ପହଞ୍ଚିଛି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଜଣାଯାଏ, ଏହି ଜୋନରୁ ବିଜେଡି ପ୍ରାର୍ଥୀ ରାମଚନ୍ଦ୍ର ମହାନ୍ତିଙ୍କୁ ୧୩,୪୪୧ ଖଣ୍ଡ ଭୋଟ, ଅର୍ଥାତ୍ ମୋଟ ମତଦାନର ୩୯.୧୪% ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଶିବବ୍ରତ ଦାସଙ୍କ ସପକ୍ଷରେ ୧୦,୭୬୭ ଖଣ୍ଡ, ଅର୍ଥାତ୍ ୩୧.୩୫% ଭୋଟ ଯାଇଥିଲା। ଭାଜପାର ରଘୁନାଥ ସ୍ୱାଇଁଙ୍କୁ ୨,୮୮୪ ଖଣ୍ଡ, ଅର୍ଥାତ୍ ୮.୩୯% ଭୋଟ ମିଳିଥିଲା। ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦାସଙ୍କଠାରୁ ବିଜେଡିର ମହାନ୍ତି ଅଧିକ ୨,୬୭୪ ଖଣ୍ଡ ଭୋଟ ପାଇ ଜିତିଥିଲେ। ଆସନ୍ତା ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ଉକ୍ତ ଜୋନରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥର ବିଜେଡିରୁ ରୁନିଲତା ବେହେରା, କଂଗ୍ରେସରୁ ବାସନ୍ତି ମଲ୍ଲିକ, ଭାଜପାରୁ ଡେଜିଲତା ଜେନା ଓ ବିଏସ୍‌ପିରୁ ସନ୍ତୋଷିନୀ ଦାସ ପ୍ରାର୍ଥୀ ହୋଇଛନ୍ତି। ୩ ପ୍ରାର୍ଥୀ ତିରିରା ପଞ୍ଚାୟତ ଉପରେ ଗୁରୁତ୍ୱ ଦେଉଛନ୍ତି। କେବଳ ତିରିରା ନୁହେଁ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଗତ୍‌ସିଂହପୁର ବିଧାୟକ ମୁଦୁଲିଙ୍କ ସଙ୍ଗଠନ ଅଛି। ସମ୍ପ୍ରତି ଜୋନରେ ବିଜେଡି, ଭାଜପା ଓ କଂଗ୍ରେସ ମଧରେ ମାନସ ମନ୍ଥନ ଚାଲିଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ଜେନା କହିଛନ୍ତି, ସେ ନବାଗତ। ସ୍ୱାମୀ ବ୍ୟବସାୟ କରୁଥିଲେ ସୁଦ୍ଧା ବାପଘର ଓ ଶାଶୁ ଘରର ରାଜନୈତିକ ପୃଷ୍ଠଭୂମି ରହିଛି। ଅତୀତରେ ଜନତା ଦଳ ସମର୍ଥନରେ ଆମ୍ବଶାଳ ପଞ୍ଚାୟତର ସରପଞ୍ଚ ଶ୍ୱଶୁର ହୋଇଥିଲେ। ଶାଶୁ ମଧ ଏହି ପଞ୍ଚାୟତର ସମିତି ସଭ୍ୟା ହୋଇଥିଲେ। କେବଳ ଏତିକି ନୁହେଁ, ବାପା ରଘୁନାଥ ସ୍ୱାଇଁ ଅତୀତରେ ଆମ୍ବଶାଳ ସରପଞ୍ଚ ଥିଲେ। ଗତ ନିର୍ବାଚନରେ ସେ ଭାଜପାରୁ ଜିଲା ପରିଷଦ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପରିବାର, ସମ୍ପର୍କୀୟ, ଦଳୀୟ ସଙ୍ଗଠନ, ସ୍ୱାମୀଙ୍କ ଲୋକ ସମ୍ପର୍କ ଆଦି ବେସ୍ ସହାୟକ ହେଉଛି। ବର୍ତ୍ତମାନ ସୁଦ୍ଧା ଜୋନ ଅନ୍ତର୍ଗତ ୭ ପଞ୍ଚାୟତ ମଧ୍ୟରୁ ୫ଟି ବୋରିକିନା, ତିରିରା, ବଡ଼ଗାଁ, ଆମ୍ବଶାଳ ଓ ମାଛଗାଁରେ ତାଙ୍କ ସ୍ଥିତି ସୁଦୃଢ଼। ତେଣୁ ଏଥର ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ଜେନା କହିଛନ୍ତି। ବିଜେଡି ପ୍ରାର୍ଥୀ ବେହେରା ମଧ ନବାଗତ। ଭାଜପା ପ୍ରାର୍ଥୀଙ୍କ ପରି ସେ ତିରିରାରେ ତାଙ୍କ ସପକ୍ଷରେ ଅଧିକ ଭୋଟ ଆସିବ ବୋଲି ଯୁକ୍ତି ବାଢିଛନ୍ତି। ସେ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଲାବରେଟୋରୀ ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ସ୍ୱାମୀ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ। ଜୋନ ଅଞ୍ଚଳର କେହି ଲୋକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଭୁବନେଶ୍ୱର ଗଲେ ସେମାନେ ସହଯୋଗ କରନ୍ତି। ଯେଉଁ କାରଣରୁ ତାଙ୍କ ସପକ୍ଷରେ ଜନମତ ରହିଛି। ଯଦିଓ ପ୍ରତି ପଞ୍ଚାୟତରେ ବିଜେଡି ଅସନ୍ତୁଷ୍ଟମାନେ ଅଛନ୍ତି ତଥାପି ସେଭଳି କିଛି ଅସୁବିଧା ହେବନି। ଅସନ୍ତୁଷ୍ଟମାନେ ପଞ୍ଚାୟତସ୍ତରରେ ନିଜ ସପକ୍ଷରେ ଭୋଟ ସଂଗ୍ରହ କରୁଥିଲେ ସୁଦ୍ଧା ଶଙ୍ଖ ଚିହ୍ନରୁ ଭୋଟରଙ୍କୁ ନିବୃତ୍ତ କରିବାକୁ କହିବେ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିବା ବେହେରା କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ମଲ୍ଲିକ ନିଜ ସପକ୍ଷରେ ଜନମତ ଥିବା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ବିଜେଡି ଉପରେ ଅଙ୍ଗୁଳି ଉଠାଇ ସେ କହିଛନ୍ତି ଏହି ଦଳର ପ୍ରାର୍ଥୀ କଂଗ୍ରେସର ଥିଲେ। ଜୋନ୍‌ରେ କଂଗ୍ରେସର ଦବଦବା ଥିବା ଏଥିରୁ ସ୍ପଷ୍ଟ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଫେବୃୟାରୀ, ୨୦୨୨



## ସଂକ୍ଷେପରେ

### କ୍ରିକେଟ୍ ଟୁର୍ନାମେଣ୍ଟ, ସେମିଫାଇନାଲରେ ଚାଟୁଳା

ସୋରଡା,୮।୨(ଡି.ଏନ୍.ଏ.): ରଷିକୁଲ୍ୟା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଦୁର୍ଗା ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଚାଟୁଳା ଓ ମୁଣ୍ଡମରାଇ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଟୁଳା ଦଳ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛି। ଅଧାପକ ରାମଚନ୍ଦ୍ର ବିଶୋଇ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଉମା ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜୟ ପଣ୍ଡା, ରଜନୀ ମହାପାତ୍ର, ପିଙ୍କୁ ମହାରଣା, ସତ୍ୟ ପଟ୍ଟନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଆସିକା/ଦାରିଙ୍ଗବାଡ଼ି/ ଜି.ଉଦୟଗିରି,୮।୨(ଡି.ଏନ.ଏ): ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ସହ ଶାନ୍ତି ଶୃଙ୍ଖଳାରେ ସମାପନ କରିବା ଲାଗି ପୋଲିସର ଉଦ୍ୟମ ଜାରି ରହିଛି। ଆସିକା ଥାନା ଅଞ୍ଚଳରେ ଅପରାଧୀ ଧରପଗଡ ଅଭିଯାନକୁ ଜୋରଦାର କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଯାନବାହାନ ଯାଞ୍ଚ କରାଯାଉଛି। ଉତ୍ତେଜନାପ୍ରବଣ ବୁଥ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଅପରାଧୀଙ୍କୁ ସତର୍କ କରାଇ ଦିଆଯାଉଛି। ମଙ୍ଗଳବାର ଗଞ୍ଜାମ ଅତିରିକ୍ତ ଏସପି ପ୍ରଦୀପ କୁମାର ଦଳାଇଙ୍କ ନେତୃତ୍ୱରେ ଏସ୍‌ଡିପିଓ ଉମାଶଙ୍କର ସିଂ, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସଶସ୍ତ୍ର ପୋଲିସ ସହ କାଳକଣ୍ଠପୁର, ପାଟଳିଗୁଡା, ନଳବଣ୍ଟା, କର୍ଣ୍ଣୋଳି, ଖଣ୍ଡଦେଉଳି, ଗଉଡଗୋଠ, ପାକିଡି, ପିତଳ ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଦାରିଙ୍ଗବାଡ଼ି ବଜାରରେ ଆଇଆଇସି କୌଶିକ ମାଝୀଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଶତାଧିକ ପୋଲିସ ବାହିନି ଥାନାରୁ ଫ୍ଲାଗ୍‌ମାର୍ଚ୍ଚରେ ବାହାରି ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ଦାରିଙ୍ଗବାଡ଼ି ତିନିଛକ, ଚାରିଛକ, ଶିବମନ୍ଦିର ସାହି, ରାଧାକୃଷ୍ଣ ସାହି ପରିକ୍ରମା କରିଥିଲେ। ସେହିପରି ଉକ୍ତ ବ୍ଲକର ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ମଧ ପୋଲିସ ପକ୍ଷରୁ ନିର୍ବାଚନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜି.ଉଦୟଗିରି ପୋଲିସ ଆଇଆଇସି ରେବତୀ ଶବରଙ୍କ ତତ୍ତ୍ୱାବଧାନରେ ସହର ସମେତ କଳିଙ୍ଗା ଓ ଗ୍ରେସିଙ୍ଗିଆଠାରେ ମଧ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଜି.ଉଦୟଗିରି ବ୍ଲକରେ ଥିବା ଆଠଟି ପଞ୍ଚାୟତରେ ୧୧୨ ବୁଥ୍ ରହିଥିବା ବେଳେ ମୋଟ ୨୮୯୧୦ ଭୋଟର ମତ ସାବ୍ୟସ୍ତ କରିବେ। ୫୧ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ ହୋଇଛି।

# ଅର୍ଥନୈତିକ କରିଡର ଲାଗି ଜମି ଅଧିଗ୍ରହଣ ନିଷ୍ପତ୍ତି

ଛତ୍ରପୁର,୮।୨(ଡି.ଏନ.ଏ)

**୨ ଗାଁରୁ ହେବ ୨୫.୯୨୨ ଏକର ଜମି ଅଧିଗ୍ରହଣ**

ଗଞ୍ଜାମ ଜିଲାରେ ଟାଟା ଷ୍ଟିଲ୍ ପ୍ରକଳ୍ପ ଠାରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ନିର୍ମାଣ ଲାଗି ଆବଶ୍ୟକ ହେଉଥିବା ୨୫.୯୨୨ ଏକର ଜମି ଅଧିଗ୍ରହଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଚିଠି ଆସିଛି। ଇଡ୍‌କୋ ପକ୍ଷରୁ ଏହି ଅର୍ଥନୈତିକ କରିଡର ପ୍ରତିଷ୍ଠା କରାଯିବ। ଗଞ୍ଜାମ ଜିଲାପାଳଙ୍କ ରିପୋର୍ଟ ଓ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଅର୍ଥନୈତିକ କରିଡର ପାଇଁ ଆବଶ୍ୟକ ୨୫.୯୨୨ ଏକର ଜମି ୨ଟି ଗ୍ରାମରୁ ଅଧିଗ୍ରହଣ ହେବ । ସେଥିମଧ୍ୟରେ ବଡପୁଟି ଗାଁରୁ ୪.୨୭୦ ଏକର ଜମି ଓ ବାସନାପୁଟି ଗାଁରୁ ୨୧.୬୫୨ ଏକର ଜମି ରହିଛି । ବଡପୁଟି ଗାଁର ୫ଜଣ ଏବଂ ବାସନାପୁଟି ଗାଁର ୧୯ ଜଣଙ୍କ ଜମି ଅଧିଗ୍ରହଣ ହେବ । ତେବେ ଏହି ପ୍ରକଳ୍ପ ଦ୍ୱାରା କେହି ବିସ୍ଥାପିତ ହେବେନି ବୋଲି କୁହାଯାଇଛି। ଏଥିସହ ଜମି ହରାଉଥିବା ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ଦିଆଯିବ ବୋଲି ସୂଚନା ମିଳିଛି । ପୂର୍ବରୁ ଅଧିଗ୍ରହଣ ହୋଇଥିବା ଜମିକୁ ଉପଯୋଗ କରାଯାଇନାହିଁ। ଉକ୍ତ ଗ୍ରାମରେ ଜନଶୁଣାଣି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଜନଶୁଣାଣି ବେଳେ ପ୍ରକଳ୍ପକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ ।

# ବିଜେଡିରେ ମିଶିଲେ ଭାଜପାର ପୂର୍ବତନ ଜିଲା ସଭାପତି




ମିଶ୍ରଣ ପର୍ବରେ ନେତାମାନେ।

ପାରଳାଖେମୁଣ୍ଡି,୮।୨(ଡି.ଏନ୍.ଏ.)

ଗଜପତି ଜିଲାରେ ମଙ୍ଗଳବାର ବିଜେଡିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ପୂର୍ବତନ ଜିଲା ସଭାପତି ଭି ରାଭଣାଙ୍କ ସହ ବହୁ ମଣ୍ଡଳ ସଭାପତି ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଜିଲା ସଭାପତି ପ୍ରଦୀପ ନାୟକ ଓ ଜିଲା ନିର୍ବାଚନ ଦାୟିତ୍ୱରେ ଥିବା ତିରୁପତି ପାଣିଗ୍ରାହୀ, ଜମିନଦାର ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପରିଚ୍ଛା ତଥା ବହୁ ବରିଷ୍ଠ ବିଜେଡି ନେତାଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି କର୍ମୀ ଓ ଭାଜପା ନେତୃବୃନ୍ଦ।

# ସ୍କୁଲ ସଭାପତିଙ୍କୁ ଆକ୍ରମଣ ଅଭିଯୋଗ

ଗଞ୍ଜାମ,୮।୨(ଡି.ଏନ.ଏ.)

କକକ

ଗଞ୍ଜାମ ଥାନା ଅଧୀନ ସୂର୍ଯ୍ୟନାରାୟଣପୁର ଗ୍ରାମରେ ଥିବା ଏକ ସରକାରୀ ସ୍କୁଲର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୀମାଞ୍ଚଳ ପ୍ରଧାନଙ୍କୁ ସେହି ଗ୍ରାମର କିଛି ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୯/୨୨ରେ ମାମଲା ରୁଜୁ କରିଛି। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ଥିବା ଥାନା ସେକେଣ୍ଡ ଅଫିସର ଅଜିତ କୁମାର ପରିଡା କହିଛନ୍ତି। ପ୍ରକାଶ ଯେ, ସୂର୍ଯ୍ୟନାରାୟଣପୁର ୟୁପି ସ୍କୁଲରେ କିଛି ନୂତନ କାମ ପାଇଁ ପଥର ପଡ଼ିଥିବା ଖବର ପାଇ ସ୍କୁଲ ପରିଚାଳନା କମିଟି ସଭାପତି ସ୍କୁଲ ଯାଇଥିଲେ । ସେଠାରେ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରୁଥିବା ବେଳେ ସେହି ସମୟରେ ଉକ୍ତ ଗ୍ରାମର ତିନି ଭାଇ ସ୍କୁଲରେ ପହଞ୍ଚି ସଭାପତିଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି। ସୋମବାରଠାରୁ ପୋଲିସ ଆକ୍ରମଣକାରୀଙ୍କ ଘରକୁ ଯାଇ ଖୋଜୁଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳୁ ନ ଥିବା ଗଞ୍ଜାମ ପୋଲିସ କହିଛି। ଏହି ଘଟଣାରେ ଅସନ୍ତା କାଲି ଆକ୍ରମଣକାରୀମାନେ ବେଲ ହେବାର ସମ୍ଭାବନା ରହିଛି।

# ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ

ଗଞ୍ଜାମ,୮।୨(ଡି.ଏନ.ଏ.)

**ସୁରକ୍ଷା ପାଇଁ ପ୍ଲାଷ୍ଟିକ ବାଡ଼ ବାନ୍ଧିଲା ବନ ବିଭାଗ**

ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମସ୍ଥିତ ରଷିକୁଲ୍ୟା ମୁହାଣଠାରେ ଗତ ଦୁଇଦିନ ତଳେ ସାମାନ୍ୟ ଦକ୍ଷିଣା ପବନ ବୋହିବା ପରେ ଗତ ୫ ତାରିଖ ବିଳମ୍ବିତ ରାତିରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ କଇଁଛ କାଁଭାଁ ଅଣ୍ଡାଦାନ କରିଥିବା ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି। କିନ୍ତୁ ପାଗ ଅନୁକୂଳ ନ ହେବାରୁ ପୁଣି ସ୍ଥଗିତ ଥିବା ସେ କହିଛନ୍ତି। ଆଗକୁ ହଜାର ହଜାର କଇଁଛ ଗଣ ଅଣ୍ଡାଦାନ କରିବେ ବୋଲି ସେ କହିଛନ୍ତି। ଏଥିପାଇଁ ରଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ବନ୍ୟଜନ୍ତୁଙ୍କ କବଳରୁ ଅଲିଭ ରିଡ଼ଲେଙ୍କୁ ସୁରକ୍ଷା, ଗଣ ଅଣ୍ଡାଦାନରେ ବାଧାପ୍ରାପ୍ତ ନ ହେବା ଲାଗି ବନ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରାୟ ଦେଢ଼ କିମି ପୋଡ଼ମପେଟା ପର୍ଯ୍ୟନ୍ତ ବେଳାଭୂମିରେ ପ୍ଲାଷ୍ଟିକ ବାଡ଼ ବନ୍ଧାଯାଇଛି। ପ୍ରକାଶ ଯେ, ଗତ ୫ ତାରିଖ ବିଳମ୍ବିତ ରାତିରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ସାମୁଦ୍ରିକ କଇଁଛ ଅଣ୍ଡାଦାନ କରିବାକୁ ବେଳାଭୂମି ଉପରକୁ ଉଠି ଆସିଥିଲେ। ଖବର ପାଇ ଡିଏଫଓ ଅମ୍ଲାନ କୁମାର ନାୟକ ଓ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ ବେଳାଭୂମିରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଅଲିଭ ରିଡ଼ଲେ କଇଁଛ ମୁହାଁଣର ଉତ୍ତର ଦିଗରେ ପୋଡ଼ମପେଟା ଗ୍ରାମଠାରୁ ସିଦ୍ଧାନ୍ତ ନଗର ମଧ୍ୟରେ ଅଣ୍ଡାଦେଇଥିବା ଲକ୍ଷ୍ୟ କରାଯାଇଥିଲା। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ବନ ବିଭାଗ କର୍ମଚାରୀମାନେ ୨ମିଟର ଉଚ୍ଚତା ବିଶିଷ୍ଟ ପ୍ଲାଷ୍ଟିକ ବାଡ଼ ବଢ଼ାଇବାରେ ଲାଗିଛନ୍ତି।



ପ୍ଲାଷ୍ଟିକ ବାଡ଼ ବନ୍ଧାଯାଉଛି ।

# ରାଜନୈତିକ ହିଂସାକାଣ୍ଡ, ୨ ମାମଲା ରୁଜୁ

ବୁଗୁଡା,୮।୨(ଡି.ଏନ.ଏ.)

ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡା ଗ୍ରାମରେ ରାଜନୈତିକ ହିଂସାକାଣ୍ଡକୁ ନେଇ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଛି। ବାଲିପଦର ଫାଣ୍ଡିରେ ଖରିଡ଼ା ଗ୍ରାମର ଗୋପାଳ ବିଷୋୟୀ କରିଥିବା ଅଭିଯୋଗ କ୍ରମେ ଗତ ରବିବାର ସାଢେ ୧୨ଟାରେ ବାଇକରେ ସେ ନିଜ ଗ୍ରାମ ଖରିଡାରୁ ଏକଡାଳ ଗ୍ରାମକୁ ଯାଉଥିବା ବେଳେ ଖରିଡା ଗ୍ରାମର ସର୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ମହୁଲପଲ୍ଲୀ ଗ୍ରାମର ଶ୍ରୀକାନ୍ତ ପାତ୍ର, ଖରିଡ଼ା ଗ୍ରାମର ପବିତ୍ର ବିଷୋୟୀ ଓ ଅରଖପୁର ଗ୍ରାମର ଦୁଇଜଣ ତାଙ୍କୁ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। ଟଙ୍କା ନାହିଁ ବୋଲି ସେ କହିବାରୁ ସେହି ଚାରି ଜଣ ତାଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଏ ନେଇ ବୁଗୁଡା ଥାନାରେ ନଂ. ୮୮/୨୨ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଖରିଡ଼ା ଗ୍ରାମର ଅର୍ଜୁନ ବିଷୋୟୀଙ୍କ ଅଭିଯୋଗ ପ୍ରକାରେ ସେମାନେ ନିର୍ବାଚନ ପ୍ରଚାର ପାଇଁ ଯାଉଥିବା ବେଳେ ଗୋପାଳ ବିଷୋୟୀ ଗାଳିଗୁଲଜ କରି ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଏ ନେଇ ନଂ ୮୯/୨୨ରେ ମଧ ଏକ ମାମଲା ରୁଜୁ ହୋଇଛି। ତେବେ ଉକ୍ତ ୨ଟି ମାମଲାରେ କେହି ଗିରଫ ହୋଇନଥିବା ବେଳେ ଅନୁସନ୍ଧାନ ଜାରି ରହିଛି ବୋଲି ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# ପ୍ରାର୍ଥୀଙ୍କୁ ନେଇ ବିଧାୟକଙ୍କ ପ୍ରଚାର

ପୋଲସରା,୮।୨(ଡି.ଏନ.ଏ.)

ପୋଲସରା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫେବୃଆରୀ ୧୬ରେ ଅନୁଷ୍ଠିତ ହେବ। ଏଭଳି ସ୍ଥିତିରେ ଜା. ଡେଙ୍ଗାପଦର, ବେଲଗାଁ, ବୁଢେଇଶୁଣୀ ପଞ୍ଚାୟତର ସମସ୍ତ ସମର୍ଥିତ ପ୍ରାର୍ଥୀଙ୍କୁ ନେଇ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନିର୍ବାଚନ ପ୍ରଚାର କରିଥିଲେ। ଏହି ଅବସରରେ ୩୯ ନମ୍ବର ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଝୁନୁ ଦାସ ଓ ୪୦ ନମ୍ବର ଜୋନର ଜିଲା ପରିଷଦ ପ୍ରାର୍ଥୀ ବିକ୍ରମ କୁମାର ନାୟକ ନିଜ କର୍ମୀମାନଙ୍କୁ ନେଇ ନିଜ ନିଜର ପଞ୍ଚାୟତବାସୀଙ୍କୁ ଭୋଟ ଭିକ୍ଷା କରିଥିଲେ। ବେଲଗାଁ ପଞ୍ଚାୟତରେ ସମର୍ଥିତ ସମିତିସଭ୍ୟ ପ୍ରାର୍ଥିନି କଳ୍ପନା ପ୍ରଧାନ, ବୁଢେଇଶୁଣୀ ପଞ୍ଚାୟତରେ ସମର୍ଥିତ ସରପଞ୍ଚ ପ୍ରାର୍ଥି ମନୋଜ କୁମାର ପରିଡ଼ା ଓ ସମିତି ସଭ୍ୟ ପ୍ରାର୍ଥିନି ସରିତା ଦେବୀଙ୍କ ନିମନ୍ତେ ବିଧାୟକ ପ୍ରଚାର କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି ଜିଲାପାଳ।

ଗୋପାଳପୁର,୮।୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ୫-ଟି ଅଧୀନରେ ନିର୍ମାଣାଧୀନ ସ୍କୁଲକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନରେ ଆସି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ କନିଷି, କୋଳଥିଗାଁ, ଚିକରଡ଼ା, ମାର୍କଣ୍ଡି, ପଦ୍ମପୁର, ଦାସପୁର, ଫୁଲଟା ଗାଁ ହାଇସ୍କୁଲରେ ୫-ଟି ଅଧୀନରେ ନିର୍ମାଣାଧୀନ ଥିବା ସ୍ମାର୍ଟସ୍କୁଲ, ସ୍ମାର୍ଟ ଲେବୋରେଟୋରୀ ଓ ଇ-ଲାଇବ୍ରେରୀ କାର୍ଯ୍ୟ କେତେଦୁର ସମ୍ପୂର୍ଣ୍ଣ ହୋଇଛି ତାହାର ତଦାରଖ କରିଥିଲେ। ଏହି ଗ୍ରାମ ଗୁଡ଼ିକରେ ଥିବା ହାଇସ୍କୁଲର କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ସମାପ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡ଼ିଓ ପ୍ରସନ୍ନ ପାତ୍ର, ବିଇଓ ଡ.ପ୍ରତାଭୀ ମହାପାତ୍ର, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଜେଡି-ସିପିଆଇ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା

ଦିଗପହଣ୍ଡି,୮।୨(ଡି.ଏନ.ଏ.)

**ଦିଗପହଣ୍ଡି ବ୍ଲକ ୨୫ ନଂ.ଜିଲା ପରିଷଦ ଜୋନ୍**

ଦିଗପହଣ୍ଡି ବ୍ଲକର ଭିଷ୍ମଗିରି ୨୫ନଂ. ଜିଲା ପରିଷଦ ଜୋନରେ ବିଜେଡି, କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ, ଭାଜପା, ଆମ ଆଦମୀ ପାର୍ଟିର ପ୍ରାର୍ଥୀମାନେ ନିଜ ନିଜ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। ତେବେ ଲଢେଇ ମୁଖ୍ୟତଃ ବିଜେଡ଼ି ଏବଂ ସିପିଆଇ ପ୍ରାର୍ଥୀଙ୍କ ମଧ୍ୟରେ ହେବ ବୋଲି ଆକଳନ କରାଯାଇଛି। ବିଜେଡି ପକ୍ଷରୁ ନିମଖଣ୍ଡି ପେଣ୍ଠର ପୂର୍ବତନ ସମିତିସଭ୍ୟ ରାଧାକାନ୍ତ ମହାଙ୍କୁଡ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ଭାବେ ବୃନ୍ଦାବନ ପଣ୍ଡା, ଭାଜପାରୁ ନରସିଂହ ପାତ୍ର ଏବଂ ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିତେନ୍ଦ୍ର ସେଠୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ଜୋନରେ ଭିଷ୍ମଗିରି, ଫାସିଗୁଡା, ଖମାରିଗାଁ, ସହଦେବ ଟିକରପଡା, ଚଷାନିମଖଣ୍ଡି ଏବଂ ନିମଖଣ୍ଡି ପେଣ୍ଠ ପଞ୍ଚାୟତ ରହିଛି। ମୋଟ ଭୋଟର ସଂଖ୍ୟା ୩୧,୪୨୬। ସେଥିମଧ୍ୟରେ ୧୬୩୭୪ ପୁରୁଷ, ୧୫୦୪୪ ମହିଳା ଏବଂ ୮ ଜଣ କିନ୍ନର ଭୋଟର ରହିଛନ୍ତି। ବିଜେଡିର ରାଧାକାନ୍ତ ପୂର୍ବରୁ ନିମଖଣ୍ଡି ପେଣ୍ଠ ପଞ୍ଚାୟତରୁ ପ୍ରତିନିଧିତ୍ୱ କରିଛନ୍ତି। ଏଥିସହ ନବୀନଙ୍କ ଶଙ୍ଖ ଚିହ୍ନ ଏବଂ ବାଚସ୍ପତିଙ୍କ ଜନସମ୍ପର୍କ ତାଙ୍କ ପାଇଁ ସହାୟକ ହେବ ବୋଲି ଆକଳନ କରାଯାଇଛି। ସେହିପରି ସିପିଆଇ ପ୍ରାର୍ଥୀ ବୃନ୍ଦାବନଙ୍କ ବିଭିନ୍ନ ପଞ୍ଚାୟତରେ ଜନ ସମ୍ପର୍କ ରହିଥିବା କହିଛନ୍ତି। ବ୍ୟକ୍ତିଗତ ସମ୍ପର୍କ ଭୋଟ ସାଙ୍ଗକୁ ୬ ପଞ୍ଚାୟତରେ ରହିଥିବା କମ୍ୟୁନିଷ୍ଟ ଓ କଂଗ୍ରେସ ଭୋଟ ଯଦି ବୃନ୍ଦାବନଙ୍କ ସପକ୍ଷରେ ଯାଏ ତାହେଲେ ବିଜେଡ଼ି ସହ ତାଙ୍କର କଡା ଟକ୍କର ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ପୋଲିସ ପ୍ରଶାସନର ବୈଠକ

ପୋଲସରା,୮।୨(ଡି.ଏନ.ଏ.)

ଆଗାମୀ ୧୬ ତାରିଖରେ ପୋଲସରା ବ୍ଲକରେ ଅନୁଷ୍ଠିତ ହେବାକୁ ଯାଉଛି ପଞ୍ଚାୟତ ନିର୍ବାଚନ। ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ଅତି ଉତ୍ତେଜନା ପ୍ରବଣ ପଞ୍ଚାୟତ ରୁମାଗଡ଼ ପଞ୍ଚାୟତରେ ଫ୍ଲାଗମାର୍ଚ୍ଚ କରିବା ସହିତ ଉଭୟ ଦଳର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ଡକାଇ ପଞ୍ଚାୟତରେ କିଭଳି ଶାନ୍ତିଶୃଙ୍ଖଳା ସହକାରେ ନିର୍ବାଚନ କାର୍ଯ୍ୟ ସମ୍ପାଦନ ହେବ ସେଥିଲାଗି ସଚେତନ କରାଇବା ସହ ପ୍ରଶାସନ ପକ୍ଷରୁ କଡା ଚେତାବନୀ ମଧ ଦିଆଯାଇଥିଲା। ସରକାର ନିୟମକୁ ଅବମାନନା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଥିଲେ। ପୋଲିସ ପ୍ରଶାସନର ଏହି କାର୍ଯ୍ୟକ୍ରମରେ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ ସାହୁ, ଏସ୍‌ଆଇ ସମୀର କୁମାର ବେହେରାଙ୍କ ସମେତ ପୋଲିସ କର୍ମଚାରୀ ଓ ଦୁଇ ଦଳର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

# ଦିଗପହଣ୍ଡି ବ୍ଲକ ଭାଜପାରେ ବିଦ୍ରୋହ

ଦିଗପହଣ୍ଡି,୮।୨(ଡି.ଏନ.ଏ.)

**ଇସ୍ତଫା ଦେଲେ ପାର୍ଟିର ବହୁ କାର୍ଯ୍ୟକର୍ତ୍ତା**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଦିଗପହଣ୍ଡି ବ୍ଲକ ଭାଜପାରେ ବିଦ୍ରୋହ ଚରମ ସୀମାରେ ପହଞ୍ଚିଛି। ଭାଜପାର ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ପାର୍ଟିର ବିଭିନ୍ନ ପଦପଦବୀରୁ ସାମୂହିକ ଭାବେ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ଏ ନେଇ ଇସ୍ତଫା ଦେଇଥିବା ସ୍ଥାନୀୟ ଭାଜପାର ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପାର୍ଟିର ଗଞ୍ଜାମ ଜିଲା ନେତୃତ୍ୱ ସେମାନଙ୍କୁ ଅଣଦେଖା କରି ଦିଗପହଣ୍ଡି ବ୍ଲକ ବାହାରର କିଛି ବ୍ୟକ୍ତିଙ୍କ ପରାମର୍ଶରେ ୪ ଟି ଜିଲା ପରିଷଦ ଜୋନ ଏବଂ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ପଦବୀ ନିମନ୍ତେ ପ୍ରାର୍ଥୀ ଚୟନ କରାଯାଇଛି। ପ୍ରଚାର କାର୍ଯ୍ୟରେ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ କୌଣସି ମତାମତ ଲୋଡ଼ା ଯାଇ ନ ଥିବା ନେଇ ସେମାନେ ପାର୍ଟିର ଜିଲା ସଭାପତି ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ଖୁଲମଖୁଲା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ପାର୍ଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ଆଇନଜୀବୀ ମନୋଜ କୁମାର ପଣ୍ଡା, ଗଞ୍ଜାମ ଜିଲା କମିଟି ଉପସଭାପତି ଶୁଭେନ୍ଦୁ ପାଢ଼ୀ, ଆଇନଜୀବୀ ସନ୍ତୋଷ କୁମାର ସାହୁ, ପାର୍ଟିର ଗଞ୍ଜାମ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଦୀପ କୁମାର ଦାସ, ଭୀଷ୍ମଗିରି ମଣ୍ଡଳ ସଭାପତି ପ୍ରତାପ ବିଷୋୟୀ ପ୍ରମୁଖ ପାର୍ଟିର ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି। ସେମାନେ ଦସ୍ତଖତ ସମ୍ବଳିତ ଇସ୍ତଫାପତ୍ର ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି, ସାଂଗଠନିକ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକର୍ତ୍ତା ଭୃଗୁ ବକ୍ସି ପାତ୍ର, ପିଙ୍କି ପ୍ରଧାନଙ୍କୁ ପ୍ରେରଣ କରିଛନ୍ତି। ଆଗକୁ ପୌର ନିର୍ବାଚନ ଏବଂ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଚାଲିଥିବା ସମୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସାମୂହିକ ଇସ୍ତଫା ଭାଜପାର ବିପର୍ଯ୍ୟୟ ପର୍ବ ଆରମ୍ଭ ହେଲା ବୋଲି ମତପ୍ରକାଶ ପାଇଛି।

# ଗଡ଼ ରକ୍ଷା ପାଇଁ ସିପିଆଇଏମ୍‌ର ପ୍ରୟାସ ଜାରି

ଗଞ୍ଜାମ,୮।୨(ଡି.ଏନ.ଏ.)

**ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର ଜୋରଦାର**

ଗଞ୍ଜାମ ବ୍ଲକରେ ୧୪ ଓ ୧୫ ନଂ ଦୁଇଟି ଜିଲା ପରିଷଦ ଜୋନ। ୧୪ନଂ. ଜୋନରେ ଥିବା ୮ ପଞ୍ଚାୟତରେ ମୋଟ ୩୬,୭୩୪ ଭୋଟର। ସେଥିରୁ ୧୭,୪୬୪ ମହିଳା ଏବଂ ୧୯,୨୭୦ ପୁରୁଷ ଭୋଟର। ଚଳିତ ନିର୍ବାଚନରେ ବିଜେଡିର ସସ୍ମିତା ସ୍ୱାଇଁ, ଭାଜପାର ପ୍ରଭାସିନୀ ନାୟକ, ସିପିଆଇଏମ୍‌ର ଗାୟତ୍ରୀ ଗୌଡ଼ ଏବଂ କଂଗ୍ରେସର ସସ୍ମିତା ମହାରଣା ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ପ୍ରଚାରରେ ବିଜେଡି ଆଗୁଆ ରହିଛି। ଏଠରେ ବିଜେଡି ଓ ଭାଜପା ମଧ୍ୟରେ ଜୋରଦାର ଲଢେଇ ହେବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି। ଅନ୍ୟପଟେ ପୂର୍ବରୁ ସିପିଆଇଏମ୍‌ର ଗଡ଼ କୁହାଯାଉଥିବା ଏହି ଜୋନ ରକ୍ଷା କରିବାକୁ ପ୍ରୟାସ ଜାରି ରଖିଛି। ବିଜେଡି ପ୍ରଚାରର ମଙ୍ଗ ଧରିଛନ୍ତି ବିଧାୟକ ସୁବାସ ଚନ୍ଦ୍ର ବେହେରା। ପ୍ରଚାରରେ ସସ୍ମିତା, ସ୍ୱାମୀ ସମିତି ସଭ୍ୟ କୈଳାଶ ସ୍ୱାଇଁଙ୍କ ସମେତ ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥନାଥ ସାହୁ, ସରପଞ୍ଚ ନିରଞ୍ଜନ ରେଡ୍ଡୀ ପ୍ରମୁଖ ଅଛନ୍ତି।

# କେଶପୁରରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ଖଲ୍ଲିକୋଟ,୮।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୩ ନମ୍ବର ଜିଲା ପରିଷଦ ଜୋନର କେଶପୁରଠାରେ ସୋମବାର ବିଜେଡି ପ୍ରାର୍ଥୀମାନେ ନିର୍ବାଚନ ପ୍ରଚର କରିଛନ୍ତି। ସୋମବାର ୧୩ ନମ୍ବର ଜୋନ ଅନ୍ତର୍ଗତ କେଶପୁର ପଞ୍ଚାୟତର କେଶପୁର, ମୋହନପୁର ଗ୍ରାମରେ ବିଜେଡି ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ୧୩ ନମ୍ବର ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ବିନାୟକ ଜାଲି, କେଶପୁର ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଦିଲ୍ଲୀପ ପଲେଇ ଓ ସରପଞ୍ଚ ପ୍ରାର୍ଥୀ ସୀତାରାମ ବେହେରା ଏକ ଶୋଭାଯାତ୍ରାରେ ବାହାରି ସମର୍ଥକଙ୍କ ଗହଣରେ ବୁଲି ନିଜ ସପକ୍ଷରେ ପ୍ରଚାର କରି ମୁଖ୍ୟମନ୍ତ୍ରୀଙ୍କ ସହ ଖଲ୍ଲିକୋଟ ରାଣୀ ଏବଂ ନିଜର ପ୍ରିୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି କହିଥିଲେ। ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଦୈତାରୀ ବେହେରା, ପୂର୍ବତନ ସମିତି ସଭ୍ୟ ବାବୁଲା ପରିଡ଼ା, କୀର୍ତ୍ତନ ପଲେଇ, ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।



ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର।

# ସ୍ୱଚ୍ଛତା ଦିବସରେ ସଫେଇ ପରେ ପୁଣି ଆବର୍ଜନାପୂର୍ଣ୍ଣ ସୁନାରୀ ବନ୍ଧ

ବ୍ରହ୍ମପୁର ଅଫିସ,୮।୨

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱଚ୍ଛତା ଦିବସ ଅବସରରେ ସହରର ବିଭିନ୍ନ ପୋଖରୀଗୁଡ଼ିକୁ ସଫେଇ କାର୍ଯ୍ୟ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରହ୍ମପୁର ସହରରେ ମୋଟ ୪୨ ପୋଖରୀ ରହିଛି। ପ୍ରତ୍ୟେକ ମାସ ମଙ୍ଗଳବାର ବିଭିନ୍ନ ପୋଖରୀଗୁଡ଼ିକର ସଫେଇ ନିମନ୍ତେ ପଦକ୍ଷେପ ନିଆଯାଇଛି। ଗତ ୧ ତାରିଖରେ ଗଞ୍ଜାମ ଜିଲାପାଳ, ବିଏମ୍‌ସି କମିଶନର,ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଉପସ୍ଥିତିରେ ବିଏମ୍‌ସି ୱାର୍ଡ ନଂ.୨୪ ଅନ୍ତର୍ଗତ ସୁନାରୀ ବନ୍ଧ ସଫେଇ କାର୍ଯ୍ୟ କରାଯାଇଥିଲା। ଯେଉଁଥିରେ ଖୋଦ ଜିଲାପାଳ ପୋଖରୀ ସଫେଇ କରିଥିଲେ। ପୋଖରୀରେ ପଡି ରହିଥିବା ଅଳିଆ ଆବର୍ଜନା ଓ ବିଭିନ୍ନ ପୂଜା ସାମଗ୍ରୀ ସଫା କରାଯାଇଥିଲା। କିନ୍ତୁ ସେହି ଦିବସ ପରେ ପୋଖରୀରେ ପୁଣି ପୂର୍ବଭଳି ଅଳିଆ ଆବର୍ଜନା ଓ ବିଭିନ୍ନ ପୂଜା ସାମଗ୍ରୀ ପଡି ରହିଥିବା ଦେଖିବାକୁ ମିଳିଛି। ସ୍ୱଚ୍ଛତା ଦିବସ ପାଳନ ସମୟରେ ପୋଖରୀ ସଫେଇ ନେଇ ସଚେତନ କରାଗଲା ସତ, କିନ୍ତୁ ସବୁଦିନିଆ ସଫେଇ ପାଇଁ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ପାହାଚଠାରୁ ଆରମ୍ଭ କରି ପାଣି ମଧ୍ୟରେ କୁଢ କୁଢ ଆବର୍ଜନା ପଡିରହିଛି। ଏପରିକି ଗାଧୁଆ ତୁଠ ମଧ ପରିଷ୍କାର ନାହିଁ। ଭିତରେ ଘାସବୁଦା ଉଠି ଅଧିକାଂଶ ଅଂଶ ପୋତି ହୋଇଯାଇଛି। ଅନ୍ୟପଟେ ପୋଖରୀକୁ ଲାଗି ୨ଟି ମନ୍ଦିର ରହିଥିବା ବେଳେ ମନ୍ଦିରର ସମସ୍ତ ପୂଜା ସାମଗ୍ରୀ ପଡି ପାଣି ଦୂଷିତ ହେଉଥିବା ନଜିର ରହିଛି। ଯାହାଦ୍ୱାରା ଏହା ଉପରେ ନିର୍ଭର କରୁଥିବା ବହୁ ବାସିନ୍ଦା ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ପୋଖରୀର ପୁନରୁଦ୍ଧାର କିମ୍ବା ସଫେଇ ନିମନ୍ତେ ବିଏମ୍‌ସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏହା ପାର୍ଶ୍ୱରେ କେବଳ ତାରଜାଲି ଲଗାଯାଇଥିବା ବେଳେ ପୋଖରୀ ସଫେଇ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କେବଳ କୌଣସି ଦିବସ ପାଳନ ଅବସରରେ ସଫେଇ କାର୍ଯ୍ୟ ହାତକୁ ନିଆଯାଉଛି। ଏହାପରେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଣୁ ପୋଖରୀ ସଫେଇ କ୍ଷେତ୍ରରେ ବିଏମ୍‌ସି କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କୁ ପଚାରିବାରୁ ସଫେଇ ଲାଗି ଆକ୍ଟିଭ୍ ଆକ୍ସନ ଟିମ୍ ଗଠନ କରାଯିବ । ତା'ପରେ ସଫେଇ ଲାଗି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ପୋଖରୀରେ ଉଠିଥିବା ଘାସବୁଦା।

